# Akashvani, Sambalpur

## SAMBALPURI NEWS EVENING BULLETIN

## 2 April 2025- 7.02 pm- 7.12 pm.

*********************************************

୧- ବିଧାନ୍‌ସଭା ନ ଆଏଜ୍ ଉପର୍‌ବେଲା ଉପସ୍ଥାପିତ୍ ହେଲା ସିଏଜି ରିପୋର୍ଟ ।

- ଲଘୁ ଖଣିଜ ଦରବ୍‌ନୁ ମିଳୁଥିବା ରାଜସ୍ୱ ଅଣଟିକସ୍ ରାଜସ୍ୱର ମୁଖିଆ ଉତ୍ସ କହେଲେ ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ।

୨- ଖରିଫ୍ ଋତୁଥି ଇ ବଛର୍ ଅଏତ୍‌କା ୧୬ ଲାଖ୍ ଟନ୍ ଧାନ୍ ଘିନିଛନ୍ ରାଜ୍ୟ ସର୍‌କାର୍ ।

୩- ପ୍ରାଥମିକ ବିଦ୍ୟାଳୟମାନ୍‌କେ ଆଏଜ୍‌ଠାନୁ ମୁଲ୍ ହେଲା ଶିଶୁବାଟିକାଥି ଖଡ଼ିଛୁଆଁ ।

ଆଉର୍

୪- ପୁରୀ ଶ୍ରୀମନ୍ଦିର୍ ନ ବନକଲାଗି ନୀତି ଚାଲୁଥିବାର୍‌ନୁ ରାତିର୍ ୧୦ ବଜେତକ୍ ବନ୍ଦ ରହିଛେ ସର୍ବସାଧାରଣ ଦର୍ଶନ୍ ।

ସିଏଜି ରିପୋର୍ଟ-ବିଧାନ୍‌ସଭା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ୧୬ ନମ୍ବର୍ ଦିନେ ଗୃହକାର୍ଯ୍ୟ ସ୍ୱାଭାବିକ୍ ଥିଲା । ପ୍ରଶ୍ନୋତର୍ ଆର୍ ଶୂନ୍ୟକାଳ ସୁରୁଖୁରୁଥି ଚାଲିଥିଲା । ଆଏଜ୍ ଉପର୍‌ବେଲା ବିଧାନ୍‌ସଭା ନ ଭାରତ୍‌ର ମହାଲେଖା ନିୟନ୍ତ୍ରକ ଆଉ ମହାସମୀକ୍ଷକ ସିଏଜି ରିପୋର୍ଟ ଉପସ୍ଥାପିତ୍ ହେଇଛେ । ମୁଖ୍ୟମନ୍ତ୍ରୀଙ୍କର୍ ତରଫୁ ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ରିପୋର୍ଟକେ ଉପସ୍ଥାପନ୍ କରିଛନ୍ । ସିଏଜି ର୍ ତଥ୍ୟ ଅନ୍‌ସାରେ ରାଜ୍ୟର୍ ଖଣି ଲିଜ୍ ଧାରୀଙ୍କର୍ ପାଖୁ ଇହାଦେ ଭିଲ୍ ୩ ହଜାର୍ ୯ ଶହ ୬୬ କୋଟି ଟଙ୍କା ଆଦାୟ ହେଇନାଇଁପାରି । ଶହେ ୩୧ ଟା ଖଣି ଲିଜ୍‌ଧାରୀଙ୍କର୍ ପାଖୁ ୬ ବଛ୍‌ରେ ୧୯ ହଜାର୍ ଶହେ ୭୮ କୋଟି ଟଙ୍କା ଜରିମାନା ଆକାରେ ଆଦାୟ ଲାଗି ନିର୍ଦ୍ଦେଶ୍ ଦିଆଯାଇଥିଲା । ହେଲେ ସେଥିର୍‌ଭିତ୍‌ରୁ ୩ ହଜାର୍ ୯ ଶହ ୬୬ କୋଟି ଟଙ୍କା ଆଦାୟ ନାଇଁ ହେଇ । ଲଘୁ ଖଣିଜ ପଦାର୍ଥ ନୁ ମିଲୁଥିବା ରାଜସ୍ୱ - ଅଣଟିକସ୍ ରାଜସ୍ୱର ମୁଖିଆ ଉତ୍ସ ବଲି ସିଏଜି ରିପୋର୍ଟଥି କୁହାଯାଇଛେ । ରାଏଜେ ୨୦୧୫ ନୁ ୨୦୨୨ ଭିତ୍‌ରେ ଲଘୁ ଖଣିଜ ରାଜସ୍ୱ ୨ ହଜାର୍ ୯ ଶହ ୬୮ କୋଟି ୭୫ ଲାଖ୍ ଟଙ୍କା ରହିଛେ । ସେନ୍ତା ୨୦୨୨ ମାର୍ଚ୍ଚ ୩୧ ତକ୍

୫ ଶହ ୨୦ ଟା ଲଘୁ ଖଣିଜ ଉତ୍ସ ଭିତ୍ରୁ  ଶହେ ୪୭ ଟା କାର୍ଯ୍ୟକ୍ରମ୍ ଅଛେ ବଲି ରିପୋର୍ଟ୍ଥି କୁହାଯାଇଛେ ।

ବିଧାନ୍ସଭା ଭୁବ୍ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍କାର୍ ଗଲାବଛର୍ ତୁଲ୍ନାଥି ୧୬ ଲାଖ୍ ଟନ୍ ଅଏତ୍କା ଧାନ୍ ଘିନିଛନ୍ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନ୍ସଭା ନ କହିଛନ୍ । ଯୋଗାଣ ବିଭାଗ୍ ବାବଦ୍ ବିଜେପି ସଦସ୍ୟ ଟଙ୍କଧର୍ ତ୍ରିପାଠୀଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍ଥି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, ରାଜ୍ୟ ସର୍କାର୍ ଇ ବଛର୍ ୭୪ ଲାଖ୍ ଟନ୍ ଧାନ୍ ଘିନିଛନ୍ । ଫି' ବଛର୍ ୨୬ ଲାଖ୍ ଟନ୍ ଚାଉଲ୍ ଭାରତୀୟ ଖାଦ୍ୟ ନିଗମ୍ ଏଫ୍ସିଆଇ ନେସି ବଲି ମନ୍ତ୍ରୀ କହିଛନ୍ । ହେଲେ ଇଥର ରାଜ୍ୟସର୍କାର୍ଙ୍କର୍ ଅନୁରୋଧ୍ଥି ଆଉ ୨୦ ଲାଖ୍ ଟନ୍ ଅଏତ୍କା ଚାଉଲ୍ କେନ୍ଦ୍ର ସର୍କାର୍ ନେବାର୍ ଲାଗି ରାଜି ହେଇଛନ୍ । ଇତାର୍ ଉତ୍ରୁ ଭିଲ୍ ୧୫ ଲାଖ୍ ଟନ୍ ଚାଉଲ୍ ଅଗ୍ଲି ଯାଉଛେ । ୧୦ ଲାଖ୍ ଟନ୍ ଚାଉଲ୍ ମହଜୁଦ୍ ରଖ୍ବାର୍ ଲାଗି ସର୍କାର୍ ଗୁଦାମ୍ ଘର୍ ତିଆର୍ କରୁଛନ୍ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ଫି’ ପଂଚାୟତ୍ ନ ପୋଷଣ୍ କେନ୍ଦ୍ର         ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଏତ୍‌କର ଫି’ ପଂଚାୟତ୍ ନ ପୋଷଣ୍ କେନ୍ଦ୍ର ଖୁଲାଯିବା । ଇ କେନ୍ଦ୍ରମାନ୍‌କେ ଗରିବ୍ ଆଉ ମଧବିତ ମାନ୍‌କୁ ଚାଉଲ୍, ଗହମ୍ ଆଉ ଦାଏଲ୍ ବାଗିର୍ ଦରବ୍ ରିହାତି ଦର୍‌ଥି ଯୁଗେଇ ଦିଆଯିବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନ୍‌ସଭା ନ କହିଛନ୍ । ସେନ୍ତା ରାଏଜେ ପିଡ଼ିଏସ୍ ବ୍ୟବସ୍ଥାଥି ଗହମ୍ ଯୁଗାବାର୍‌କେ ନେଇକରି ରାଜ୍ୟ ସର୍‌କାର୍ ଚେରେଷ୍ଟା କରୁଛନ୍ ଆଉ ଇ ବାବ୍‌ଦେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ କେନ୍ଦ୍ର ସର୍‌କାର୍‌ଙ୍କୁ ଚିଠି ଲେଖାଯାଇଛେ ବଲି ମନ୍ତ୍ରୀ କହିଛନ୍ । ରାଏଜେ ନୂଆଁ ଗୁଦାମ୍ ଘର୍ ତିଆର୍ ଲାଗି ସର୍‌କାର୍ ଟେଣ୍ଡର୍ ଆହ୍ୱାନ୍ କରିଛନ୍ ଆର୍ ତାର୍ ଉତ୍‌ରୁ ଗହମ୍ ରଖ୍‌ବାର୍ ବ୍ୟବସ୍ଥା ହେଲେ ନିଶ୍ଚିତ୍ ଭାବେ ଗହମ୍ ବଂଟାଯିବା ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ବିଧାନ୍‌ସଭା -ଜୈବିକ୍ ଚାଷ୍         ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍ ବଳଭଦ୍ର ଜୈବିକ୍ ଚାଷ୍ ଜରିଏ ଜୈବିକ୍ ଚାଷ୍‌କେ ପ୍ରୋତ୍ସାହନ୍ ଦଉଛନ୍ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍

ହରିଚନ୍ଦନ୍ ବିଧାନ୍‌ସଭା ନ କହିଛନ୍ । ଜୈବିକ୍ ଚାଷ୍‌କେ ତହଁକାବାର୍ ସହେତେ ଇତାର୍ ପରିସର୍‌କେ ବଢ଼ାବାର୍ ଲାଗି ସର୍‌କାର୍ ପ୍ରତିଶ୍ରୁତିବଦ୍ଧ । ଫସଲ୍‌ଥି ଅଏତ୍‌କା କୀଟନାଶକ୍ ବେଭାର୍ କରାଯାଉଥିବାର୍‌ନୁ କର୍କଟ ରୋଗୀଙ୍କର୍ ସଂଖ୍ୟା ବଢ଼୍‌ବାର୍‌କେ ଲାଗିଛେ । ହେଥିର୍‌ଲାଗି ଜୈବିକ୍ ଚାଷ୍‌କେ ଅଏତ୍‌କା ପ୍ରୋତ୍ସାହନ୍ ଦଉଛନ୍ ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ଗୃହ ନ କହିଛନ୍ ।

ଖଡ଼ିଛୁଆଁ ଉତ୍ସବ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଜାତୀୟ ଶିକ୍ଷାନୀତି -୨୦୨୦ ଅଧୀନ୍‌ଥି ରାଏଜେ ପହେଲାଥର୍ ଲାଗି ପ୍ରାଥମିକ୍ ବିଦ୍ୟାଲୟମାନ୍‌କେ ଆଏଜ୍ ଶିଶୁବାଟିକାର୍ ଶୁଭାରମ୍ଭ ହେଇଛେ । ଭୁବ୍‌ନେଶ୍ୱର୍ ବଡ଼ଗଡ଼ ସର୍‌କାରୀ ଉଚ୍ଚବିଦ୍ୟାଲୟ ନ ରାଜ୍ୟସ୍ତରୀୟ ବିଦ୍ୟାଲୟ ପ୍ରବେଶ୍ ଆଉ ଖଡ଼ିଛୁଆଁ ଉତ୍ସବ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନ୍ କରିଛନ୍ । ରାଜ୍ୟର୍ ସବୁ ଛୁଆକୁ ସର୍ବୋତମ୍ ଆଉ ଗୁଣାତ୍ମକ ଶିକ୍ଷା ଦେବାର୍ ଲାଗି ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ଆଉ ଇଥିର୍‌ଲାଗି ବିଦ୍ୟାଲୟମାନ୍‌କେ ଛୁଆମାନ୍‌କୁ ଅନାଯିବାର୍ ଲାଗି ଇ ଖଡ଼ିଛୁଆଁ ଉତ୍ସବ୍‌ର ଆୟୋଜନ୍ କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେଇକରି ମୁଖ୍ୟମନ୍ତ୍ରୀ ପୋଷଣ୍ ଯୋଜ୍‌ନାଥି ୯ ଆଉ ୧୦ କ୍ଲାସ୍‌ର ଛାତ୍ରଛାତ୍ରୀମାନ୍‌କର୍ ଲାଗି ମଧ୍ୟାହ୍ନ ଭୋଜନ୍ ବ୍ୟବସ୍ଥାର୍ ଭିଲ୍ ଶୁଭାରମ୍ଭ କରିଛନ୍ । ଖଡ଼ିଛୁଆଁ କାର୍ଯ୍ୟକ୍ରମ୍ ଆଏଜ୍‌ଠାନୁ ୪ ଦିନ୍ ଧରିକରି ଚାଲ୍‌ବା । ବଢ଼୍‌ତି ଖରାକେ ନଜର୍‌ଥି ରଖି‌କରି ଆଏଜ୍ ସଖାଲର୍ ୬ ବଜେନୁ ବିଦ୍ୟାଳୟମାନ୍‌କୁ ଖୁଲାଯାଇଥିଲା ।

ଫ୍ରାନ୍ସ ରାଷ୍ଟ୍ରଦୂତ-ମୁଖ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଭାରତ୍ ନ ଅବସ୍ଥାପିତ୍ ଥିବା ଫ୍ରାନ୍ସ ରାଷ୍ଟ୍ରଦୂତ ଥିଏରି ମାଥୋ ଆଏଜ୍ ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଭେଟିଛନ୍ । ସାକ୍ଷାତ୍‌କାର୍ ସମିଆଥି ଓଡ଼ିଶା ଆର୍ ଫ୍ରାନ୍ସ ଭିତ୍‌ରେ ଗଭୀର ସମ୍ପର୍କ ବାବ୍‌ଦେ ବିସ୍ତୃତ ଆଲୋଚନା ହେଇଥିଲା । ବୈଠକ୍‌ଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପୂର୍ବୋଦୟ ପରିକଳ୍ପନାଥି ଓଡ଼ିଶାର୍ ବିକାଶ୍ ଆଉ ଇତାର୍‌ସହେତେ ରାଏଜେ ନିବେଶ୍ ଶିକ୍ଷା ପର୍ଯ୍ୟଟନ୍ ବାଗିର୍ ଭିନ୍ ଭିନ୍ କ୍ଷେତ୍ରଥି ସୁଯୋଗ୍ ବାବ୍‌ଦେ ଭିଲ୍ ଆଲୋଚନା ହେଇଥିଲା ।

ଖଡ଼ିଛୁଆଁ ଉତ୍ସବ-ଜିଲ୍ଲା

ସମ୍ବଲପୁର/ ସୁବର୍ଣ୍ଣପୁର୍/ କଲାହାଣ୍ଡି/ ଦେବ୍‌ଗଡ଼୍/ ବଲାଙ୍ଗିର/ ଝାର୍‌ସୁଗୁଡ଼ା/ ବର୍‌ଗଡ଼୍

ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲାମାନ୍‌କେ ବିଦ୍ୟାଳୟ ପ୍ରବେଶ୍ ଉତ୍ସବ୍ ଆଉ ଶିଶୁବାଟିକାଥି ଖଡ଼ିଛୁଆଁ ଉତ୍ସବ୍ ହେଇଯାଇଛେ । ସମ୍ବଲ୍‌ପୁର୍ ସହରର୍ ବ୍ରଜମୋହନ୍ ପଟ୍ଟନାୟକ୍ ସର୍‌କାରୀ ଉଚ୍ଚ ପ୍ରାଥମିକ୍ ବିଦ୍ୟାଳୟ ଠାନେ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ବିଦ୍ୟାଳୟ ପରିସର୍ ନ ଛୁଆମାନ୍‌କୁ ନୂଆଁ ବେଗ୍ ସହେତେ ପଢ଼ା ସାମାନ୍ ଦିଆଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ଶିକ୍ଷା ଆଉ ମହିଳା, ଶିଶୁ ବିକାଶ୍ ବିଭାଗ୍ ର ମିଳିତ୍ ସହଯୋଗ୍‌ଥି ମଝିପଡ଼ା ପ୍ରାଥମିକ ବିଦ୍ୟାଳୟ ନ ଇ ଅଭିଯାନ୍‌କେ ଜିଲ୍ଲାପାଲ୍ ଅନ୍ୟା ଦାସ ଶୁଭାରମ୍ଭ କରିଛନ୍ । ଶିଶୁବାଟିକାଥି ନୂଆଁ ଛାତ୍ରଛାତ୍ରୀମାନ୍‌କୁ ଖଡ଼ିଛୁଆଁ ଆଉ ବିଦ୍ୟାଳୟ ପ୍ରବେଶ୍ କରାଯାଇଥିଲା ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ସହର୍ ନ ଥିବାର୍ ବାପୁଜୀ ଉଚ୍ଚ ପ୍ରାଥମିକ୍ ବିଦ୍ୟାଳୟ ପରିସର୍ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ପାୱାର୍ ସଚିନ୍ ପ୍ରକାଶ୍ ଯୋଗ୍ ଦେଇକରି ଶିଶୁବାଟିକାଥି ନାଁ ଲେଖାବାର୍ ଲାଗି ପ୍ରୋତ୍ସାହିତ୍ କରିଥିଲେ । ଇ ଅବ୍‌ସରେ ଛାତ୍ରଛାତ୍ରୀମାନ୍‌କର୍ ଦ୍ୱାରା

ସାକ୍ଷରତା, ସଂଖ୍ୟା ଜ୍ଞାନ୍ ଆର୍ ସୃଜନୀ ଷ୍ଟଲ୍‌ର ପ୍ରଦର୍ଶନୀ କରାଯାଇଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ସମଗ୍ର ଶିକ୍ଷା ବିଭାଗ୍ ତର୍‌ଫୁ ଦେବ୍‌ଗଡ଼୍ ବାଳକ ପ୍ରାଥମିକ ବିଦ୍ୟାଳୟ ନ ଜିଲ୍ଲାସ୍ତରୀୟ ପ୍ରବେଶ୍ ଉତ୍ସବ୍ ଆଉ ଖଡ଼ିଛୁଆଁ ଉତ୍ସବ୍ ହେଇଯାଇଛେ । ଜିଲ୍ଲାପାଳ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ସଭାପତିତ୍ୱଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଅତିଥି ମାନେ ନୂଆଁକରି ଆସିଥିବା ଛୁଆମାନ୍‌କୁ ଖଡ଼ିଛୁଏଇଁକରି କାର୍ଯ୍ୟକ୍ରମ୍ ମୁଳ୍ କରିଥିଲେ । ଜିଲ୍ଲାର୍ ଫି’ ପଂଚାୟତ୍ ନ ଇ ବାବ୍‌ଦେ ସଚେତନ୍ କରାବାର୍ ଲାଗି ୩ ଟା ସଚେତନତା ରଥକେ ଅତିଥିମାନେ ଶାଗୁଆ ପତାକା ଦେଖେଇ ଉଦ୍‌ଘାଟନ୍ କରିଥିଲେ ।

ବଲାଙ୍ଗିର୍ ଜିଲ୍ଲା ଶିକ୍ଷା ଆଉ ପ୍ରଶିକ୍ଷଣ୍ ପ୍ରତିଷ୍ଠାନ୍ ନ ସମଗ୍ର ଶିକ୍ଷା ବିଭାଗ୍ ତର୍‌ଫୁ ବିଦ୍ୟାଳୟ ପ୍ରବେଶ୍ ଉତ୍ସବ୍ ଆଉ ଖଡ଼ିଛୁଆଁ ର ଶୁଭାରମ୍ଭ ହେଇଥିଲା । ଜିଲ୍ଲାପାଳ୍ ଗୌରବ ଶିଓ୍ୱାଜୀ ଇସଲ୍‌ଓ୍ୱାର୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଛୁଆକୁ ପାରମ୍ପାରିକ୍ ରୀତିନୀତିଥି ଖଡ଼ିଛୁଆଁ କରିଥିଲେ । ଇତାର୍‌ସହେତେ ଜିଲ୍ଲାର୍ ୧୪ ଟା ବ୍ଲକ୍ ନ ଶିକ୍ଷା ଉପ୍‌ରେ ସଚେତନତା କର୍‌ବାର୍ ଲାଗି ସଚେତନତା ରଥକେ ପତାକା ଦେଖେଇକରି ଶୁଭାରମ୍ଭ କରିଥିଲେ ।

ଝାର୍‌ସୁଗୁଡ଼ା ତାଲ୍‌ପଟିଆ ସର୍‌କାରୀ ଉଚ୍ଚବିଦ୍ୟାଳୟ ପରିସର୍ ନ ଜିଲ୍ଲାସ୍ତରୀୟ ପ୍ରବେଶ୍ ଉତ୍ସବ୍ ଆର୍ ଖଡ଼ିଛୁଆଁ ଉତ୍ସବ୍ ପାଳିତ୍ ହେଇଯାଇଛେ । ଜିଲ୍ଲାପାଳ୍ ଅବୋଲି ସୁନୀଲ୍ ନର୍‌ଓ୍ୱଣେ

କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିକରି ଛାତ୍ରଛାତ୍ରୀମାନ୍‌କୁ ପଢ଼ା ଉପକରଣ୍ କିଟ୍ ବାଂଟିଥିଲେ । ଝାର୍‌ସୁଗୁଡ଼ା ଜିଲ୍ଲା ନ ଆଏଜ୍ ୬ ଶହ ୨୬ ଟା ବିଦ୍ୟାଲୟ ନ ପ୍ରବେଶ୍ ଉତ୍ସବ୍ ଆଉ ଖଡ଼ିଛୁଆଁ ଉତ୍ସବ୍ ହେଇଯାଇଛେ ।

ବର୍‌ଗଡ଼୍ ଜିଲ୍ଲା ଖଜୁର୍‌ଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନ ଜିଲ୍ଲାସ୍ତରୀୟ ପ୍ରବେଶ୍ ଉତ୍ସବ୍ ଆଉ ଖଡ଼ିଛୁଆଁ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍ ଉଦ୍‌ଘାଟନ୍ କରିକରି ଛାତ୍ରଛାତ୍ରୀମାନ୍‌କୁ ଖଡ଼ି ଛୁଏଁଇଛନ୍ । ଇ ବାବ୍‌ଦେ ଗୁଟେ ସଚେତନତା ରଥକେ ଭିଲ୍ ଶାଗୁଆ ପତାକା ଦେଖେଇକରି ଜିଲ୍ଲାପାଲ୍ ଶୁଭାରମ୍ଭ କରିଛନ୍ ।

ଯୁକ୍ତ ଦୁଇ ପରୀକ୍ଷା ଖାତାଦେଖା ହି.ସ.

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ଯୁକ୍ତ ଦୁଇ ପରୀକ୍ଷା ଖାତାଦେଖା ଆଏଜ୍‌ଠାନୁ ମୁଲ୍ ହେଇଛେ । ବଢ଼୍‌ତି ଖରାକେ ନଜର୍‌ଥି ରଖିକରି ୨ ଟା ଖେପେ ଖାତାଦେଖା ଚାଲ୍‌ବା । ଆଏଜ୍‌ଠାନୁ ଆଏବା ୧୪ ତାରିଖ୍‌ତକ୍ ପହେଲା ଖେପ୍ ଆଉ ୧୬ ତାରିଖ୍‌ନୁ ୨୮ ତାରିଖ୍‌ତକ୍ ୨ ନମ୍ବର୍ ଖେପ୍ ଖାତାଦେଖା ହେବା । ଶହେ ୪୮ ଟା କେନ୍ଦ୍ର ନ ପାଖାପାଖି

୧୬ ହଜାର୍ ଅଧ୍ୟାପକ ଖାତା ଦେଖାଲାଗି ନିୟୋଜିତ ହେଇଛନ୍ । ଇ ବଛର୍ ୩ ଲାଖ୍ ୯୩ ହଜାର୍ ୬ ଶହ ୧୬ ଝନ୍ ପରୀକ୍ଷାର୍ଥୀ ଯୁକ୍ତ ଦୁଇ ପରୀକ୍ଷା ଦେଇଛନ୍ ବଲି ପରିଷଦ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଅଟିଜମ୍ ସଚେତନତା ଦିବସ ଆର୍‌ଏନ୍‌ୟୁ ସମ୍ବଲ୍‌ପୁର୍

ଆଏଜ୍ ବିଶ୍ୱ ଅଟିଜମ୍ ସଚେତନତା ଦିବସ୍ । ଅଟିଜମ୍ ରୋଗ ମସ୍ତିଷ୍କକେ ପ୍ରଭାବିତ୍ କର୍‌ସି । ମସ୍ତିଷ୍କର ବିକାଶ୍ ସମ୍ବନ୍ଧୀୟ ରୋଗ ସାଧାରଣ ଭାବେ ଛୁଆବେଲୁ ଆରମ୍ଭ୍ ହେସି । ଇ ରୋଗ୍‌ଥି ପଡୁଥିବା ଛୁଆ ଆଉ ବୟସ୍କ ଲୋକ୍‌ମାନ୍‌କର୍ ଦେଖ୍‌ବାର୍, ଶୁନ୍‌ବାର୍ ଆର୍ ଅନୁଭବ୍ କର୍‌ବାର୍ ଲକ୍ଷଣ୍‌ଥି ବିଚ୍ୟୁତି ଦେଖାଦେସି । ଅଟିଜମ୍ ରୋଗ୍‌ଥି ପଡୁଥିବା ଛୁଆମାନ୍‌କର୍ କହେବାର୍ ଆର୍ ଶୁନ୍‌ବାର୍ ଶକ୍ତି ବହୁତ୍ ପରିମାଣ୍‌ଥି କମିଯାଏସି । ଅଟିଜମ୍ ଗୁଟେ ସ୍ନାୟୁଗତ ସମସ୍ୟା ହେଇଥିବାର୍‌ନୁ ଛୁଆବେଲେ ଝନେ ଛୁଆର୍ ମସ୍ତିଷ୍କ ଠିକ୍‌କରି ବିକଶିତ ନାଇଁହୁଏ । ଜନମ୍ ବେଲେ ଇ ରୋଗ୍ ଜନାନାଇଁପଡ଼େ । ଧିରେ ଧିରେ ଛୁଆର ଶାରୀରିକ ଅଭିବୃଦ୍ଧି ସାଙ୍ଗେ ଇ ରୋଗ୍‌ର ଲକ୍ଷଣ୍ ଦେଖାଦେସି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍‌ର ସୂଚ୍‌ନା ଅନ୍‌ସାରେ ୮ ଶହେ ଛୁଆ ଭିତ୍‌ରେ ଝନ୍‌କର୍ ଅଟିଜମ୍ ରୋଗ୍ ହେସି । ରୋଗ୍‌ର ଚିକିତ୍ସା

କରେଇପାର୍‌ଲେ ଛୁଆର୍ ବେଭାର୍‌ଥି ବହୁତ୍‌ଟେ ଉନ୍ନତି ହେବାର୍ ଦେଖାଯାଏସି ଆଉ ଛୁଆର୍ ସାମାଜିକ ଆଉ ଯୋଗାଯୋଗ ଦକ୍ଷତା ବଢ଼୍‌ସି ।

ବନକଲାଗି ନୀତି ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ବନକଲାଗି ନୀତି ଚାଲିଛେ । ଆଏଜ୍ ଚୈତ୍ ମାସର୍ ଶୁକ୍ଳପକ୍ଷ ପଂଚ୍‌ମୀ ତିଥି ନ ଦ୍ୱିତୀୟ ଭୋଗ ମଣ୍ଡପ୍ ଭୋଗ ଶେଷ୍ ହେବାର୍ ଉତ୍‌ରୁ ବେଲ୍‌ବୁଡ଼ର୍ ୫ ବଜୁ ମନ୍ଦିର୍ ନ ଇ ଗୁପ୍ତ ନୀତି କରାଯାଉଛେ । ଇଥିର୍‌ଲାଗି ରାତିର୍ ୧୦ ବଜେତକ୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହେବା ବଲି ମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ହପ୍ତାର୍ ଶେଷ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ କାଲ୍‌ବୈଶାଖୀର୍ ପ୍ରଭାବ୍ ରହେବା । କଲାହାଣ୍ଡି, ନୂଆପଡ଼ା, ବୌଦ୍ଧ, ବଲାଙ୍ଗିର୍ ବାଗିର୍ ଜିଲ୍ଲାମାନ୍‌କେ

କାଲ୍‌ବୈଶାଖୀର୍ ବଲେ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏଜ୍ ବଲାଙ୍ଗିର୍ ନ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ୪୧ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।